# ପ୍ରସ୍ତାବରେ ପାନୀୟ ଜଳଯୋଗାଣ ଯୋଜନା

## ଘଟକେଶ୍ୱର ବହୁମୁଖୀ ଜଳସେଚନ ପ୍ରକଳ୍ପ

ବ୍ରହ୍ମପୁର,୮।୧(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲା ଚିକିଟି ଜଳସେଚନ ବିଭାଗ ଅନ୍ତର୍ଗତ ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପ ଜରିଆରେ ବ୍ରହ୍ମପୁରକୁ ଯେଉଁ ପାନୀଜଳ ଯୋଗାଣ ଯୋଜନା ପ୍ରସ୍ତାବରେ ରହିଯାଇଛି। ଉକ୍ତ ପ୍ରକଳ୍ପରୁ ଏବେ ଚାଷ ଜମିକୁ ଜଳ ମିଳୁଛି। ପରମୁହୂର୍ତ୍ତରେ ଏହି ପ୍ରକଳ୍ପରୁ ବଳକା ପାଣି ପାନୀୟ ଆକାରରେ ଦିଆଯିବ ନା ଶିଳ୍ପକୁ ଯୋଗାଣ ହେବ ତାହା ସ୍ଥିର ହୋଇନାହିଁ। ଫଳରେ ଏହି ପାଣି ପାଇବା ଆଶା ଲୋକଙ୍କ ମଉଳି ଯାଇଛି। ଉକ୍ତ ପ୍ରକଳ୍ପ ଚାଷ, ପାନୀୟ ଜଳ ଯୋଗାଣ ଓ ଶିଳ୍ପକୁ ଜଳ ଯୋଗାଣ ଉଦ୍ଦେଶ୍ୟରେ ନିର୍ମାଣ ହୋଇଛି। ୨୯୧.୧୭ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନ ପ୍ରକଳ୍ପ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ପର୍ଯ୍ୟାପ୍ତ ଜଳସେଚନର ସୁବିଧା ମିଳିବ ବୋଲି କୁହାଯାଇଛି। ଚଳିତ ଖରିଫ ଋତୁରେ ପ୍ରକଳ୍ପ ଶେଷ ହେବା ପୂର୍ବରୁ ୧୧୦ ହେକ୍ଟର ଜମିକୁ ଜଳଯୋଗାଣ କରାଯାଇଛି। ଉକ୍ତ ପ୍ରକଳ୍ପର ୭୧୦ ହେକ୍ଟର ଜମିକୁ ଜଳସେଚିତ କଲାଭଳି ସାମର୍ଥ୍ୟ ରହିଛି। ସେଭଳି ନିର୍ମାଣ କରାଯାଇଛି।


ଘଟକେଶ୍ୱର ଜଳସେଚନ ପ୍ରକଳ୍ପ।

ସବୁଠୁ ବଡ କଥା ହେଲା କେବଳ ପାଇପ ଦ୍ୱାରା ଜମିକୁ ଜଳ ଛଡାଯାଉଛି। ଫଳରେ ପାଣି ନଷ୍ଟ ହେଉନି। ତେଣୁ ନିଶ୍ଚିତ ଭାବେ ଉଦବୃତ୍ତ ଜଳ ଅନ୍ୟ କାର୍ଯ୍ୟରେ ବିନିଯୋଗ କରିହେବ। ଦିନକୁ ୧୦ ମିଲିୟନ ଲିଟର ଜଳ ଦିଆଯାଇପାରିବା ଭଳି ବ୍ୟବସ୍ଥା କରାଯାଇଛି। କିନ୍ତୁ ଏଯାଏଁ ତାହା ସ୍ଥିର ହୋଇନଥିବାରୁ ଅନ୍ୟ ପ୍ରକଳ୍ପ କାର୍ଯ୍ୟ ହୋଇପାରୁନଥିବା ଅନୁମାନ କରାଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଉଛି। ଉକ୍ତ ପ୍ରକଳ୍ପରୁ କେଉଁଠିକି ପାଣି ଯୋଗାଣ ହେବ ତାହା ସରକାରୀ ସ୍ତରରେ ସ୍ଥିର କରାଯିବ। ବର୍ତ୍ତମାନ ବ୍ରହ୍ମପୁର ସହବାସୀଙ୍କୁ ଜାନିବିଲିରୁ ପାଣି ଯୋଗାଣ ହେଉଛି। ଏତେ ଦୂରରୁ ପାଣି ଆସିବା ଦ୍ୱାରା ବହୁ ସ୍ଥାନରେ ଅସୁବିଧା ହେଉଛି। ସେଠିକାର ଲୋକେ ବି ବିରୋଧ କରୁଛନ୍ତି। ତେଣୁ ଏଠି ମଧ୍ୟ ସେଭଳି ବିରୋଧ ହୋଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରାଙ୍କୁ ପଚାରିବାରୁ ସେ କହିଲେ ଯେ, ଉକ୍ତ ବହୁମୁଖୀ ପ୍ରକଳ୍ପ ଚଳିତବର୍ଷ ଶେଷ ହେବ। କିନ୍ତୁ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପ୍ରସ୍ତାବ ସ୍ୱାଗତ ଯୋଗ୍ୟ। କିନ୍ତୁ ଶିଳ୍ପକୁ ଦେଲେ ଅସୁବିଧା ହେବ। ଏହାକୁ ଖୋଲାଖୋଲି ବିରୋଧ କରାଯିବ। ତୁରନ୍ତ ଏହି ପ୍ରସ୍ତାବ କାର୍ଯ୍ୟକାରୀ କରାଯିବା ଉଚିତ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଓଡ଼ିଶା ଅମଲା ସଂଘର ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ କହିଛନ୍ତି ଯେ, ପ୍ରଥମେ ଉକ୍ତ ପ୍ରକଳ୍ପରୁ ବ୍ରହ୍ମପୁରବାସୀଙ୍କୁ ଜଳ ଯୋଗାଣ ହେବା ଉଚିତ। ଏଥି ସହିତ ଚାଷୀଙ୍କୁ ବି ଜଳ ଯୋଗାଣ ହେବା ଉଚିତ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବ୍ରହ୍ମପୁର, ଭଞ୍ଜନଗର ଜଳସେଚନ ଡିଭିଜନ ଦାୟିତ୍ୱରେ ଥିବା ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସେଠୀଙ୍କୁ ପଚାରିବାରୁ ସେ କହିଲେ ଯେ, ପ୍ରକଳ୍ପରେ ସମସ୍ତ ବ୍ୟବସ୍ଥା ରହିଛି। ଚାଷୀଙ୍କୁ ପାଣି ଯୋଗାଇ ଦିଆଯାଇଛି। ଅନ୍ୟ କାର୍ଯ୍ୟ ପାଇଁ ପାଣି ଯୋଗାଣ ବ୍ୟବସ୍ଥା ସରକାରଙ୍କର। ଯାହା ନିଷ୍ପତ୍ତି ହେବ ସେହି ଅନୁସାରେ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୧୩୮୦ ଲିଟର ମଦ ଜବତ

ବ୍ରହ୍ମପୁର/ପାତ୍ରପୁର,୮।୧(ସୁବାସ ଚନ୍ଦ୍ର ପାଢ଼ୀ/ ଉମାଚରଣ ନେପାକ) ଆନ୍ଧ୍ର-ଓଡିଶା ସୀମାନ୍ତ ଗ୍ରାମରେ ଥିବା ଦେଶୀ ମଦ ଭାଟି ଉପରେ ୨ ରାଜ୍ୟର ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢଉ କରାଯାଇଛି । ସୀମାନ୍ତ ଅଞ୍ଚଳର ପାହାଡ ଉପରେ ଥିବା ୩ଟି ଗ୍ରାମରେ ଚଢଉ କରି ୨୬ ହଜାର ୪୦୦ କେଜି ପୋଚ ନଷ୍ଟ କରାଯାଇଥିବା ବେଳେ ୧୩୮୦ ଲିଟର ବେଆଇନ ଦେଶୀମଦ ଜବତ କରାଯାଇଛି। ଜରଡା ଥାନା ଅନ୍ତର୍ଗତ ଆନ୍ଧ୍ରପ୍ରଦେଶ-ଓଡିଶା ସୀମାନ୍ତ ଅଞ୍ଚଳରେ ଥିବା ପାହାଡ ଉପର ଗ୍ରାମଗୁଡ଼ିକରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ଖବର ମିଳିବା ପରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲାର ଅବକାରୀ ବିଭାଗ ଓ ଚିକିଟି ଅବାକରୀ ବିଭାଗ, ଦକ୍ଷିଣାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, ଜରଡା ଥାନା ପୋଲିସ ପକ୍ଷରୁ ଆଜି ସେହି ଅଞ୍ଚଳର ବଡଝୋଳ, ଫଟକାସିଂ ଓ ଗାଙ୍ଗପୁର ଗ୍ରାମରେ ଚଢାଉ କରାଯାଇଥିଲା । ଚଢଉରେ ଶ୍ରୀକାକୁଲମ ଅବକାରୀ ଅଧୀକ୍ଷକ ତ୍ରିପତି ନାଇଡୁ, ଦକ୍ଷିଣାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଉପ ଅଧୀକ୍ଷକ ସୃତିକାନ୍ତ ରାଉତ, ଜରଡା ଥାନା ଅଧିକାରୀ ଟୁନା ସାସମଲ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

### ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୮।୧(ସ୍ମୃତି ରଞ୍ଜନ ମହାଲିକ) ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ସାଧାରଣ ତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତଗୀର ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଭୋର ୫ଟାରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୁନ ପରିବେଷଣ କରାଯିବ। ସହରର ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ସକାଳ ୭ଟାରେ ପତାକା ଉତ୍ତୋଳନ ହେବ। ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ଆୟୋଜିତ ଦିବସରେ ସକାଳ ୮ଟାରେ ପତାକା ଉତ୍ତୋଳନ କରାଯିବ। ପରେଡରେ ସମସ୍ତ ବିଦ୍ୟାଳୟ ଓ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବା ନିଷ୍ପତ୍ତି ହୋଇଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆସନ୍ତା୧୧ ତାରିଖରେ ଚିତ୍ରାଙ୍କନ ଓ ଓଡିଆ ପ୍ରବନ୍ଧ ଏବଂ ୧୨ତାରିଖରେ ଓଡିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ୪ର୍ଥରୁ ୫ମ ଶ୍ରେଣୀ, ୬ଷ୍ଠରୁ ୭ମ ଶ୍ରେଣୀ, ୮ମରୁ ୧୦ମ ଶ୍ରେଣୀ ଓ ମହାବିଦ୍ୟାଳୟସ୍ତରୀୟ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ପ୍ୟାରେଡ ଅଭ୍ୟାସ ଆସନ୍ତା ୨୨ରୁ ୨୪ ତାରିଖ ଯାଏଁ ଖଲିକୋଟ ବିଶ୍ୱବିଦ୍ୟାଳୟ ପଡିଆ ପରିସରରେ ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ। ଉପଖଣ୍ଡ ସ୍ତରୀୟ ପୋଲିସ ଅଧିକାରୀ ଅକ୍ଷୟ କୁମାର ପଣ୍ଡା, ଡିଆଇବି ଇନିସପେକ୍ଟର ତ୍ରିପତି ଚୌଧୁରୀ ଓ ଆରଆଇ ଅଫ ପୋଲିସ ଏମ ଲକ୍ଷ୍ମୀ ରଞ୍ଜନଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଲୋକନାଥ ଶତପଥୀ ବିଭିନ୍ନ ବିବରଣୀ ଉପସ୍ଥାପନା କରିଥିଲେ।

## ଜିଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୮।୧(ସ୍ୱାଧୀନ ଶେଖର ପାଢ଼ୀ)

ସ୍ଥାନୀୟ ଭି.ଭି. ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଗଞ୍ଜାମ ଆନୁକୂଲ୍ୟରେ ବୁଧବାର ଜିଲାସ୍ତରୀୟ ୧୮ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଛି। ଜିଲା ଶିକ୍ଷାଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ , ସମଗ୍ର ଶିକ୍ଷା ଗଞ୍ଜାମ ଅମିତା ପଟ୍ଟନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ, ବୃନ୍ଦାବନ ବିଦ୍ୟାପୀଠ, ହିଂଜିଳିର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ମୁନି, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା, କିଆଫୁଲ ସମିତି ଉଚ୍ଚ ବିଦ୍ୟାଳୟ, କେଲୁଆପଲ୍ଲୀର ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି ପାତ୍ର ଓ ଭି.ଭି. ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସୋଇକେଲ ଚାଳନା, କୁଇଜ, ପ୍ରବନ୍ଧ, ପୋଷ୍ଟର ପ୍ରଦର୍ଶନ ଆଦି ପ୍ରତିଯୋଗିତା ହୋଇଥିଲା। ୨୨ ବ୍ଲକରୁ ପ୍ରାୟ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜିଲା ଅନୁସୂଚିତ ଜାତି / ଜନଜାତି ସଂଯୋଜକ ଡାଃ ସରୋଜ ମୋହନ ପାଳ କାର୍ଯକ୍ରମ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଯୋଗ ଦେଇ ପ୍ରବାସୀ ଭାରତୀୟ ମାନଙ୍କ ସାହାଯ୍ୟ ସହଯୋଗରେ ଓଡିଶାର ସ୍ୱାସ୍ଥ୍ୟ, ଶିକ୍ଷା, କଳକାରଖାନାର ଅଭିବୃଦ୍ଧି ଦ୍ୱାରା ବେକାରି ସମସ୍ୟା ଦୂର ହୋଇପାରିବ ବୋଲି କହିଥିଲେ। ବ୍ରହ୍ମପୁର ମହାନଗର ନିଗମ ମେୟର ସଙ୍ଘମିତ୍ରା ଦଳେଇ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉନ୍ନତ ରାଷ୍ଟ୍ର ଗଠନ କରିବାକୁ ପରାମର୍ଶ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ନାବାଳିକାଙ୍କ ସହ ଅପ୍ରାକୃତିକ ଯୌନସମ୍ପର୍କ ମାମଲା

# ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ

ବ୍ରହ୍ମପୁର,୮।୧(ସୁବାସ ଚନ୍ଦ୍ର ପାଢ଼ୀ):

ସ୍ୱତନ୍ତ୍ର ପୋକ୍ସୋ ଜଜ ପ୍ରଣତୀ ପଟ୍ଟନାୟକ ଜଣେ ନାବାଳିକା ସହ ଅପ୍ରାକୃତିକ ଯୌନସମ୍ପର୍କ ମାମଲାର ତ୍ୱରିତ ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ଜଣଙ୍କ ହେଲେ ସୋରଡା ଥାନା ଅଞ୍ଚଳର ପ୍ରସନ୍ନ ନାଇକ ଓରଫ ପିଣ୍ଟୁ(୨୫) । ଜଜ୍ ତାଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ହୋଇଛି। ଜରିମାନା ଅନାଦାୟ ଅତିରିକ୍ତ ୧ ବର୍ଷ ସଶ୍ରମ କାରଦଣ୍ଡ ଭୋଗିବାକୁ ହେବ ବୋଲି ନିର୍ଦ୍ଦେଶ ରହିଛି । ସେହିପରି ପୀଡିତା ନାବାଳିକାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ସହାୟତା ଦେବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଦୋଷୀଙ୍କଠାରୁ ଆଦାୟ ଜରିମାନା ଅର୍ଥ ମଧ୍ୟ ପୀଡିତାଙ୍କୁ ପ୍ରଦାନ କରାଯିବ ବୋଲି ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି ।

୨୦୨୨ ଜାନୁଆରୀ ୧୩ ତାରିଖ ସନ୍ଧ୍ୟାରେ ୧୦ ବର୍ଷୀୟ ନାବାଳିକା ଜଣଙ୍କ ନିଜ ଗାଁର ଏକ ଦୋକାନକୁ ଯାଇ ମହମବତୀ କିଣି ଘରକୁ ଫେରୁଥିଲେ। ନାବାଳିକାଙ୍କ ବାପା ନ ଥିବା ବେଳେ ମା' ଦୃଷ୍ଟିବାଧିତା । ନାବାଳିକା ଘରକୁ ଫେରୁଥିବା ବେଳେ ପିଣ୍ଟୁ ଅନ୍ଧାରର ସୁଯୋଗ ନେଇ ତାଙ୍କୁ ଟାଣି ନେଇ ଗାଁର ଏକ ସ୍କୁଲ ନିକଟରେ ଅପ୍ରାକୃତିକ ଯୌନସମ୍ପର୍କ ରଖିଥିଲେ । ପୀଡ଼ିତା କୌଶଳକ୍ରମେ ଖସି ଆସି ମା'ଙ୍କୁ ଘଟଣା ସମ୍ପର୍କରେ କହିବା ପରେ ଥାନାରେ ଅଭିଯୋଗ କରାଯାଇଥିଲା ।ଏ ନେଇ ସୋରଡା ଥାନାରେ ନଂ ୧୭/୨୨ରେ ମାମଲା ରୁଜୁ କରି ପୋଲିସ ପିଣ୍ଟୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା । ମାମଲାର ବିଚାର ବେଳେ ମୋଟ ୧୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

### ଆତ୍ମ ସୁରକ୍ଷା ତାଲିମ ଶିବିର

ଆସିକା,୮।୧(ସୁରେନ୍ଦ୍ର ନାଥ ସାହୁ):

ଆସିକାସ୍ଥିତ ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ସୋମବାରଠାରୁ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମବର୍ଷ ଛାତ୍ରୀଙ୍କ ଲାଗି ଆତ୍ମସୁରକ୍ଷା ତାଲିମ ଶିବିର ଚାଲିଛି । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜ କୁମାର ଜେନା ଉଦଘାଟନ କରିଥିଲେ । ଶିବିରରେ ୩୭୪ଜଣ ଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି। ଏହା ଆସନ୍ତା ୧୫ ତାରିଖ ଯାଏଁ ଚାଲୁ ରହିବ । ତାଲିମଦାତା ଭାବେ ସଙ୍ଗୀତା ନାହାକ ଓ ଲିଜା ପାତ୍ର ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦେଉଛନ୍ତି। ଅଧାପିକା ଡ. ଯଶଶ୍ରୀ ମଲିକଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହେଉଛି।

### ବ୍ରାହ୍ମଣ ମହାସଂଘର ସାଙ୍ଗଠନିକ ବୈଠକ

ଆସିକା,୮।୧(ସୁରେନ୍ଦ୍ର ନାଥ ସାହୁ):

ଋଷିକୁଲ୍ୟା ବ୍ରାହ୍ମଣ ମହାସଂଘ ଗଞ୍ଜାମ ଜିଲାର ସାଙ୍ଗଠନିକ ବୈଠକ ଓ ପହିଲି ଭୋଗ କାର୍ଯ୍ୟକ୍ରମ ବୁଧବାର ଆସିକା ଏନ୍ଏସିର ସୁନାମ୍ବ ସାହିସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସୁରେନ୍ଦ୍ରନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ସଭାପତି ଗଙ୍ଗାଧର ଶତପଥୀ ସାଙ୍ଗଠନିକ କାର୍ଯ୍ୟ ସମ୍ପର୍କରେ ପ୍ରସ୍ତାବ ଆଗତ କରିଥିଲେ । ବ୍ରାହ୍ମଣ କର୍ମକାଣ୍ଡବିତ, ସୁପକାର ଓ ମନ୍ଦିର ପୂଜକମାନଙ୍କୁ ଆର୍ଥିକ ସହାୟତା ଓ ପ୍ରୋତ୍ସାହନ ଯୋଗାଇବା, ଆସିକା ଅଞ୍ଚଳରେ ବସବାସ କରୁଥିବା ବ୍ରାହ୍ମଣ ତଥା ଜନସାଧାରଣଙ୍କ ଭୂବନ୍ଦୋବସ୍ତ କାର୍ଯ୍ୟ ତୁରନ୍ତ ସାରିବା, ଋଷିକୂଲ୍ୟା ଓ ବଡନଦୀର ମିଳନସ୍ଥଳ ବୁଢତୋଟାର ଉନ୍ନୟନ କାର୍ଯ୍ୟଲାଗି ସରକାରୀ ଦୃଷ୍ଟି ଦେବା ଲାଗି ଦାବି କରାଯାଇଥିଲା । ଆସନ୍ତା ବୈଶାଖ ମାସରେ ସଂଘ ପକ୍ଷରୁ ଗରିବ ବ୍ରାହ୍ମଣ ବାଳକମାନଙ୍କ ପାଇଁ ସାମୁହିକ ବ୍ରତୋପନୟନ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । କାର୍ଯ୍ୟକ୍ରମରେ ଆଇନଜୀବୀ ନାରାୟଣ ମୁନି, ଛବିଳରାମ ମିଶ୍ର, ସନ୍ତୋଷ ପାଣିଗ୍ରାହୀ, ଦିଲୀପ ପାଣିଗ୍ରାହୀ, ଅନିଲ ପାଣିଗ୍ରାହୀ, ସତ୍ୟନାରାୟଣ ରଥ, ସରୋଜ ଦାଶ, ନିରୋଜ କୁମାର ପାଢୀ, ପ୍ରସନ୍ନ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଆମରଣ ଅନଶନ କରିବ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ


ବୈଠକରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ।

ବ୍ରହ୍ମପୁର,୮।୧(ସ୍ମୃତି ରଞ୍ଜନ ମହାଲିକ) ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଜିଲା ଶାଖା ପକ୍ଷରୁ ବୁଧବାର ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ପରିସରରେ କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସଭାପତି ଡି ମୋହନ ରାଓ ସଭାପତିତ୍ୱ କରିଥିଲେ। ବୈଠକରେ ପେନସନରଙ୍କୁ ଚିକିତ୍ସା ଭତ୍ତା, କୋଭିଡ ସମୟରେ ଅଟକ ରଖିଥିବା ୧୮ ମାସର ମହଙ୍ଗା ଭତ୍ତା, ସମସ୍ତଙ୍କୁ ପୁରୁଣା ପେନସନ, ପୂର୍ବଭଳି ବରିଷ୍ଠ ନାଗରିକଙ୍କୁ ରେଳ ଯାତ୍ରାରେ ରିହାତି ଓ କେନ୍ଦ୍ର ଅନୁରୂପ ପୁରା ପେନସନ ପାଇଁ ୨୫ ପରିବର୍ତ୍ତେ ୨୦ କରାଯିବା ଭଳି ୯ ଦଫା ଦାବି ସଂପର୍କରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ନିକଟରେ ଉପରୋକ୍ତ ଦାବି ସମୂହକୁ ଅବଗତ କରାଯାଇଥିଲେ ସୁଦ୍ଧା ଆଜି ଯାଏଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଯାହାକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା। ଏଣୁ ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବା ସହ ଆମରଣ ଅନଶନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ବୈଠକରେ ଡି ଗୁରୁମୂର୍ତ୍ତି ପାତ୍ର, ପି କେ ଦାସ, ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ରମାନନ୍ଦ ଚୌଧୁରୀ, ନାରାୟଣ ପାଣିଗ୍ରାହୀ, ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ପୁରୁଷ ଦଳର ପଞ୍ଜାବ ଗସ୍ତ



ବ୍ରହ୍ମପୁର,୮।୧(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ମଙ୍ଗଳବାର ଭାରୋତ୍ତୋଳନ ପୁରୁଷ ଦଳ ପଞ୍ଜାବ ଗସ୍ତ କରିଛନ୍ତି । ପଞ୍ଜାବ ସ୍ଥିତ ଲୋଭଲି ପ୍ରଫେସନାଲ ୟୁନିଭରସିଟି ଠାରେ ଆସନ୍ତା ୧୧ ଓ ୧୨ ତାରିଖରେ ହେବାକୁ ଥିବା ଉତ୍ତର-ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗ ନେବେ। ଦଳରେ ବ୍ରହ୍ମପୁର ସିଟି କଲେଜର ରାମ ଚରଣ ମାଡ଼କାମୀ ୫୫ କେ.ଜି ବର୍ଗରେ, ବାଲିପଦର ଆଞ୍ଚଳିକ ସାଇନ୍ସ କଲେଜର ଆଶିଷ ମହାନ୍ତି ୬୧ କେ. , ଦୀପକ କୁମାର ପ୍ରଧାନ ୬୭ କେ. ଜି, ଦାମୋଦର ପାଣିଗ୍ରାହୀ ୭୩ କେ. ଜି , ସିପନ ମହାପାତ୍ର ୯୬ କେ. ଜି, ସନାତନ ମଲ୍ଲିକ ୮୧ କେ. ଜି, ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ କଲେଜ ନରସିମା ନାୟକ ୮୯ କେ. ଜି ବର୍ଗରେ ରହିଥିବା ବେଳେ ମ୍ୟାନେଜର ଭାବେ ଗୁଣୁପୁର ମହର୍ଷି ରେସିଡେନ୍ସି କଲେଜର ପି ଆର ଓ କୃଷ୍ଣ ଚନ୍ଦ୍ର ସାହୁ, କୋଚ ଭାବେ କ୍ରୀଡ଼ା ପରିଷଦର ସଭ୍ୟ ସଚ୍ଚିଦାନନ୍ଦ ଦାଶ ଦଳରେ ଗସ୍ତ କରିଛନ୍ତି । ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ପରିଷଦ ସମ୍ପାଦକ ଡ.ସାରଦା ପ୍ରସାଦ ସାହୁ,ଅର୍ଜୁନ ଆବାଡ଼ି କେ. ରବି କୁମାର,ରାଜେଶ କୁମାର ମହାନ୍ତି, ନାରାୟଣ ସାହୁ, ସଂଜୀବ କୁମାର ସାହୁ, ରମେଶ ଚନ୍ଦ୍ର ପାଢ଼ୀ,ରବି ଚରଣ ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## କଣ୍ଟେନର ଚାଳକଙ୍କୁ ପଥର ମାଡ

### ଭାରସାମ୍ୟ ହରାଇ ଫଳ ଦୋକାନ, ବାଇକ୍ ଭାଙ୍ଗିଲା ଗାଡି

ହିଞ୍ଜିଳିକାଟୁ,୮।୧(ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳିକାଟୁ ପୌର କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ କଣ୍ଟେନର (ଆର ଜେ୨୭ ଜିଡି ୭୨୬୩) ଯିବାବେଳେ ଛୋଟ ପଥର ଛିଟିକି ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା କେତେଜଣ ଯୁବକଙ୍କ ଦେହରେ ବାଜିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସଂପୃକ୍ତ ଯୁବକମାନେ କଣ୍ଟେନର ଚାଳକ ରାଜସ୍ଥାନ ଉଦୟପୁର ଅଞ୍ଚଳର ଭଗବତ ଲାଲଙ୍କୁ ପଥର ଫିଙ୍ଗିବାରୁ ସେ ଗୁରୁତର ଆହତ ହୋଇଥିଲେ। ପଥର ମାଡ଼ ଯୋଗୁ ଚାଳକ ଭାରସାମ୍ୟ ହରାଇବାରୁ କଣ୍ଟେନରଟି ବିଜୁ ପଟ୍ଟନାୟକ ଛକ ପାର୍ଶ୍ୱରେ ଥିବା ଏକ ଫଳ ଦୋକାନ ଓ ଏକ ବାଇକକୁ ଧକ୍କା ହେବାରୁ ଦୋକାନ ଓ ବାଇକ୍ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପକ୍ଷରେ କଣ୍ଟେନର ଚାଳକ ଜଣଙ୍କ ନିଶାଗ୍ରସ୍ତ ହୋଇ ଗାଡି ଚଳାଇ ପୌର କାର୍ଯ୍ୟାଳୟ ସମ୍ମୁଖରେ ଥିବା ଯୁବକ ମାନଙ୍କ ଉପରକୁ ଗାଡି ଆଣୁଥିବା ଦେଖି ଯୁବକ ମାନେ ଉତ୍ତ୍ୟକ୍ତ ହୋଇ କଣ୍ଟେନର ଚାଳକଙ୍କୁ ପଥରରେ ଆକ୍ରମଣ କରିଥିବା ସହରରେ ଚର୍ଚ୍ଚା ହେଉଛି। ପୋଲିସ ଆହତ ଗାଡି ଚାଳକଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ପୋଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାର ତଦନ୍ତ ଚଳାଇଛି।

# ରାସ୍ତା ସମ୍ପ୍ରସାରଣ ପାଇଁ ୬୦୦ ଗଛ ବଳି ପଡ଼ିଲା

ଭଞ୍ଜନଗର,୮।୧(ବାବୁଲା ପ୍ରଧାନ):

ଅନେକ ସମୟରେ ବିଭିନ୍ନ ବିଭାଗ ପକ୍ଷରୁ ଚାରାରୋପଣ ସମୟରେ ଭବିଷ୍ୟତ ଚିନ୍ତା ନ କରି ରାସ୍ତା କଡ଼ରେ ମନଇଚ୍ଛା ଚାରାରୋପଣ କରିଦିଆଯାଉଛି। ଫଳରେ ରାସ୍ତା ସଂପ୍ରସାରଣ ସମୟରେ ଅନେକ ଗଛକୁ କାଟିବାକୁ ପଡୁଛି। ବର୍ତ୍ତମାନ ଭଞ୍ଜନଗରରୁ ତାରସିଂ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ତେଣୁ ୬ଶହ ଗଛ କଟାଚାଲିଛି। ସେଥିମଧ୍ୟରୁ କେତେକ ଗଛ କିଛି ବର୍ଷ ପୂର୍ବେ ବନ ବିଭାଗ ପକ୍ଷରୁ ଲଗାଯାଇଥିଲା। ରାସ୍ତା ସମ୍ପ୍ରସାରଣ ପାଇଁ ସେସବୁ ଗଛ ସହ ବହୁ ପୁରୁଣା ମୂଲ୍ୟବାନ ଗଛ ମଧ୍ୟ ବଳି ପଡିଛି। ଯାହାକୁ ନେଇ ପରିବେଶବିତ୍ତ ମାନେ ଚିନ୍ତା ପ୍ରକଟ କରିଛନ୍ତି। ଏ ନେଇ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କ ସହ ଯୋଗା ଯୋଗ କରିବାରୁ ସେ କହିଛନ୍ତି ଯେ, ୬ ଶହ ଗଛ ବର୍ତ୍ତମାନ କଟାଯାଉଛି । ରାସ୍ତା କାମ ସରିଲେ ସେଠାରେ ୧୨ ସହ ଗଛ ବନ ଉନ୍ନୟନ ନିଗମ ପକ୍ଷରୁ ଲଗାଯିବ । ସର୍ବସାଧାରଣଙ୍କ ସୁବିଧା ପାଇଁ ଏହିଭଳି ପଦକ୍ଷେପ ନେବାକୁ ପଡୁଛି।

### ବନ୍ଧୁମିଳନ କାର୍ଯ୍ୟକ୍ରମ

ଚିକିଟି,୮।୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି-ଖେମୁଣ୍ଡି ହଳଦିଆ ବୈଶ୍ୟ ସମାଜ କେନ୍ଦ୍ରୀୟ ପରିଷଦ ତରଫରୁ ଚିକିଟି ବ୍ଲକ ଅନ୍ତର୍ଗତ ମା' ରତ୍ନେଶ୍ୱେରୀ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରୀୟ ପରିଷଦର ସଭାପତି ଦଣ୍ଡାସୀ ସାହୁ ଯୋଗଦେଇ ସମାଜର ଦୀର୍ଘଦିନ ଧରି ଲାଗିରହିଥିବା ସମସ୍ୟା ଉପରେ ଆଲୋକପାତ କରିବା ସହିତ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖିଲେ ସମାଜ ଆଗକୁ ଯାଇ ପାରିବ ବୋଲି ବୁଝାଇଥିଲେ। କେନ୍ଦ୍ରୀୟ ପରିଷଦର ମୁଖ୍ୟ ନିର୍ବାଚନ ଅଧିକାରୀ ଧର୍ମା ସାହୁ, ଉପଦେଷ୍ଟା ଯୋଗୀ ସାହୁ, ଉପଦେଷ୍ଟା ଶରତ ସାହୁ, ଉପସଭାପତି ପ୍ରଶାନ୍ତ ସାହୁ, ଉପସଭାପତି ପ୍ରଶାନ୍ତ ସାହୁ, ଉପସଭାପତି ଅଭିମନ୍ୟୁ ସାହୁ, ସଂଗଠନ ସମ୍ପାଦକ ବୁଲୁ ସାହୁ, ଅଫିସ ସମ୍ପାଦକ ଲକ୍ଷ୍ମଣ କୁମାର ସାହୁ ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ।

### ଋଣ କରାଇଦେବା ନାଁରେ ଟଙ୍କା ଠକେଇ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୮।୧(ସୁବାସ ଚନ୍ଦ୍ର ପାଢ଼ୀ)

ରିହାତି ଯୁକ୍ତ ଋଣ କରାଇଦେବା ନାଁରେ ଜଣେ ଆଇନଜୀବୀଙ୍କ ଠାରୁ ଟଙ୍କା ଠକି ନେଇଥିବା ଜଣେ ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି । ଗିରଫ ବ୍ୟକ୍ତି ଜଣଙ୍କ ହେଲେ ବିଜିପୁର ନିକଟ ନେହୁରୁନଗର ପ୍ରଥମ ଲାଇନ ବିବେକାନନ୍ଦ ଆପାର୍ଟମେଣ୍ଟରେ ରହୁଥିବା ପ୍ରଣବ କୁମାର ପାଣିଗ୍ରାହୀ(୩୫) । ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ପ୍ରଣବ ଓ ତାଙ୍କ ସାନଭାଇ ରିହାତି ଯୁକ୍ତ ଋଣ କରାଇଦେବା ପାଇଁ ଏକ ଘରୋଇ କାର୍ଯ୍ୟଳୟ ଖୋଲିଥିଲେ। ଟାଉନ ଥାନା ଅଞ୍ଚଳରେ ରହୁଥିବା ଆଇନଜୀବୀ ନାରାୟଣ ପାଣିଗ୍ରାହୀ ଗତବର୍ଷ ଏପ୍ରିଲ ମାସରେ ଉଭୟଙ୍କ ସହ ଯୋଗାଯୋଗ କରିଥିଲେ । ପ୍ରଣବ ଓ ତାଙ୍କ ଭାଇ ନାରାୟଣଙ୍କ ସ୍ତ୍ରୀଙ୍କ ନାଁରେ ବ୍ୟାଙ୍କରୁ ୮ଲକ୍ଷ ଟଙ୍କାର ରିହାତି(ସବସିଡ) ଋଣ କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ଋଣ କରାଇଦଦେବା ପାଇଁ ଅଭିଯୁକ୍ତ ପ୍ରଣବ ଓ ତାଙ୍କ ଭାଇ ୭୩୦୦୦ ଟଙ୍କା ତାଙ୍କ ଠାରୁ ଅଗ୍ରୀମ ନେଇଥିଲେ । ଅନ୍ୟପଟେ ଦିନ ପରେ ଦିନ ଅତିକ୍ରମ ହୋଇଯାଇଥିଲା। ହେଲେ ଆଇନଜୀବୀଙ୍କ ସ୍ତ୍ରୀ'ଙ୍କ ନାମରେ ଋଣ ମଞ୍ଜୁର ହୋଇନଥିଲା । ଏ ନେଇ ନାରାୟଣ ବାରମ୍ବାର ପଚାରିବା ସହ ଋଣ ନହେବାରୁ ତାଙ୍କ ଟଙ୍କା ଫେରାଇଦେବାକୁ କହିଥିଲେ । ହେଲେ ଅଭିଯୁକ୍ତ ପ୍ରଣବ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ । ଘଟଣାକୁ ନେଇ ନାରାୟଣ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୦୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ବୁଗୁଡ଼ା,୮।୧(କାଳିଚରଣ ଦାଶ)

ସ୍ଥାନୀୟ ଶ୍ରୀ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୫ତମ ବାର୍ଷିକ କ୍ରିଡ଼ା ଉଦ୍‌ଘାଟିତ ହୋଇଯାଇଛି। ପିପୁଲ୍ଲି ହାଇସ୍କୁଲ ମିନି ଷ୍ଟାଡିୟମରେ ଆୟୋଜିତ ଉକ୍ତ ଦ୍ୱିଦିବସୀୟ କ୍ରିଡା ଉତ୍ସବରେ ଅଧକ୍ଷ ମନୋଜ କୁମାର ସ୍ୱାଇଁ ପତାକା ଉତ୍ତୋଳନ ପୂର୍ବକ ଶୁଭାରମ୍ଭ କରିଥିଲା ବେଳେ ଅତିଥି ଭାବେ ଅଧାପକ ବିଭୁତି ଭୂଷଣ ମିଶ୍ର ଯୋଗଦେଇ ପ୍ରତିଯୋଗୀଙ୍କୁ ମାର୍ଗ ଦର୍ଶନ କରିଥିଲେ। କ୍ରିଡା ଶିକ୍ଷକ ସତ୍ୟଶ୍ରୀ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## କାୟାକଳ୍ପ ଟିମ୍‌ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି କାୟାକଳ୍ପ ଟିମ

ଜି.ଉଦୟଗିରି,୮।୧ (ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ ଗ୍ରେସିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍। ଏଥିରେ ଅତିରିକ୍ତ ନିର୍ଦ୍ଦେଶକ ପିଆଇଡି ଡ.ଅଞ୍ଜନା ପଣ୍ଡା, ଡ.ବୀଣାପାଣି ପଣ୍ଡା ଏମ୍ଓ, ଏନଟିଇପି ଏବଂ ଡ.ଲିସା ଷଡଙ୍ଗୀ କମ୍ୟୁନିଟି ମେଡିସିନ ମୁଖ୍ୟ ଆସିଥିବା ବେଳେ ତାଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଦୁଷ୍ମନ୍ତ କୁମାର ସୁତାର, ଆସିଷ୍ଟାଣ୍ଟ ମ୍ୟାନେଜର କ୍ୱାଲିଟି ଆସି ସମ୍ପୂର୍ଣ୍ଣ ଡାକ୍ତରଖାନା ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଉକ୍ତ କାୟାକଳ୍ପ ଟିମ୍ ଦ୍ୱାରା ଡାକ୍ତରଖାନା ପରିସର ଓ ଡାକ୍ତରଖାନା ଭିତରେ ଥିବା ଓପିଡି, ପ୍ରସୂତି କକ୍ଷ, ରୋଗୀ ଶଯ୍ୟା କକ୍ଷ, ରକ୍ତ ପରୀକ୍ଷାଗାର, ଶୌଚାଳୟ, ସେବିକା କକ୍ଷ, ଡାକ୍ତରଙ୍କ କକ୍ଷ, ନିରାମୟ ଔଷଧ ବିଭାଗ ବୁଲି ଦେଖିବା ସହ କର୍ମଚାରୀ ମାନଙ୍କୁ କାର୍ଯ୍ୟ ସମ୍ବନ୍ଧିତ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ଏଥିସହ ଡାକ୍ତରଖାନାରେ ଥିବା ସମସ୍ତ ଉପକରଣ ଓ ପରିବେଶ ବିଷୟରେ ସମୀକ୍ଷା କରିଥିଲେ। ଏହି କାୟାକଳ୍ପ ଟିମ୍ ପରିଦର୍ଶନ କାର୍ଯ୍ୟକ୍ରମରେ ଜି.ଉଦୟଗିରି ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ରତିକାନ୍ତ ସାହୁ, ଗ୍ରେସିଙ୍ଗିଆ ଡାକ୍ତରଖାନାର ଭାରପ୍ରାପ୍ତ ଅଧିକାରୀ ଡ.କୌସ୍ତୁଭ ରାଉତ, ଗୋଷ୍ଠୀ କାର୍ଯ୍ୟକ୍ରମ ଅଧିକାରୀ ରାଜ କିଶୋର ସାହୁ, ଆୟୁଷ ଏମଓ ଡ.ଦେବବ୍ରତ ବାରିକ, ସମସ୍ତ ଷ୍ଟାଫ୍ ନର୍ସଙ୍କ ସହ ସମସ୍ତ କର୍ମଚାରୀ, ସୁରକ୍ଷା କର୍ମୀ, ନିର୍ମଳ ବିଭାଗ କର୍ମୀ ଉପସ୍ଥିତ ଥିଲେ।

